**ମହନ୍ତ କୌଶଲ୍ୟା ଦାସ**

**ବନାମ**

**ମାଡ୍ରାସ ରାଜ୍ୟ**

*ମେ 7,1965*

[ଏ. କେ. ସରକାର, ଏମ୍. ହିଦାୟତୁଲ୍ଲା ଏବଂ ଭି. ରାମାସ୍ୱାମୀ, ନ୍ୟାୟମୂର୍ତ୍ତିବୃନ୍ଦ]

*ଫୌଜଦାରୀ କାର୍ଯ୍ୟବିଧି ସଂହିତା (ଅଧିନିୟମ 5/1898), ଧାରା 243, 362 (2) (A)- ଧାରା 243-ବାଧ୍ୟତାମୂଳକ କି-ଉଲ୍ଲଂଘନ, ଯଦି ବିଚାର ବ୍ୟର୍ଥ ହୁଏ- ଯଦି ଧାରା 362 (2) (A ) କୁ ଲଂଘନ କରେ ।*

ଆବେଦନକାରୀଙ୍କୁ ପୋଲିସ ଗିରଫ କଲା ଏବଂ ତୁରନ୍ତ ମାଡ୍ରାସ ନିଷେଧ ଅଧିନିୟମ ର ଧାରା 4 (1) ( A) ଅନୁଯାୟୀ ଏକ ଆରୋପରେ ମାଡ୍ରାସ ପ୍ରେସିଡେନ୍ସି ଦଣ୍ଡାଧିକାରୀଙ୍କ ସମ୍ମୁଖରେ ହାଜର କରାଯାଇଥିଲା, ଏହି ଅଭିଯୋଗ ଉପରେ ଯେ ସେ ବିନା ଅନୁମତିରେ ତାଙ୍କ ପରିସର ମଧ୍ୟରେ ଏକ କାଠ ବାକ୍ସରେ ଲୁଚାଇ ରଖିଥିବା ଏକ ନିର୍ଦ୍ଦିଷ୍ଟ ପରିମାଣର ଗଞ୍ଜେଇ ରଖିଥିଲେ । ଆବେଦନକାରୀ ଦୋଷ ସ୍ୱୀକାର କରିଥିଲେ ଏବଂ ସେହି ଆବେଦନ ଉପରେ, ତାଙ୍କୁ ଦଣ୍ଡାଧିକାରୀ ଦୋଷୀ ସାବ୍ୟସ୍ତ କଲେ । ଆବେଦନକାରୀ ଉଚ୍ଚ ନ୍ୟାୟାଳୟ ରେ ଏକ ଆବେଦନ ଦାଖଲ କଲେ, ଯେଉଁଥିରେ ଏହି କାରଣଗୁଡିକ ସକାଶେ ଅଭିଯୋଗ କରାଗଲା ଯେ ସେ ଜଣେ ନିରକ୍ଷର ବ୍ୟକ୍ତି ହୋଇଥିବାରୁ ଇଂରାଜୀ କିମ୍ବା ତାମିଲ କିମ୍ବା ଅନ୍ୟ କୌଣସି ଦକ୍ଷିଣ ଭାରତୀୟ ଭାଷା ପରିଚିତ ନୁହଁନ୍ତି ଏବଂ ସେ କେବଳ ହିନ୍ଦୀ ଜାଣିଥିଲେ କାରଣ ଏହା ଉତ୍ତର ପ୍ରଦେଶରେ କୁହାଯାଉଥିଲା, କାର୍ଯ୍ୟାନୁଷ୍ଠାନ ଅଯଥା ତରବରିଆ ଭାବରେ କରାଯାଇଥିଲା, ସେ ପ୍ରକୃତରେ ଅଭିଯୋଗକୁ ସ୍ୱୀକାର କରିନଥିଲେ ଏବଂ ସେ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ଅପରାଧ କିମ୍ବା କାର୍ଯ୍ୟାନୁଷ୍ଠାନର ପ୍ରଭାବକୁ ବୁଝି ନଥିଲେ । ଉଚ୍ଚ ନ୍ୟାୟାଳୟ ପ୍ରେସିଡେନ୍ସି ଦଣ୍ଡାଧିକାରୀଙ୍କ ଠାରୁ ଏକ ଲିଖିତ ବିବରଣୀ ମାଗିଥିଲେ, ଯିଏ ଦାଖଲ କରିଥିଲେ ଯେ ଅପରାଧର ବିବରଣୀ ଏବଂ ଆବେଦନକାରୀଙ୍କ ଦ୍ୱାରା ଦୋଷ ସ୍ୱୀକାରକୁ ଆବେଦନକାରୀଙ୍କୁ ହିନ୍ଦୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଜଣେ ଅନୁବାଦକଙ୍କ ବେଞ୍ଚ କିରାଣୀଙ୍କ ଦ୍ୱାରା ବର୍ଣ୍ଣନା କରାଗଲା ଏବଂ ଆବେଦନକାରୀଙ୍କ ଅଭିଯୋଗ ଗୁଡିକ ମିଥ୍ୟା ଥିଲା ବୋଲି ମଧ୍ୟ ସେ ଦଖଲ କରିଥିଲେ । ଏହାପରେ ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଖାରଜ

କରିଦେଲେ । ପ୍ରମାଣପତ୍ର ଦ୍ୱାରା ଆବେଦନରେ, ଆବେଦନକାରୀ, ଅନ୍ୟ ବିଷୟଗୁଡିକ ମଧ୍ୟରେ, ଯୁକ୍ତି କରିଥିଲେ ଯେ ଦଣ୍ଡାଧିକାରୀ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 243 ଅନୁଯାୟୀ,ବାଧ୍ୟତାମୂଳକ ପ୍ରାବଧାନ ଗୁଡ଼ିକର ଅନୁପାଳନ କରିନଥିଲେ ତେଣୁ ଏହି କାରଣରୁ ଆବେଦନକାରୀ ଏକ ନିରପେକ୍ଷ ବିଚାରରୁ ବଞ୍ଚିତ ହେଲେ , ତେଣୁ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସମ୍ପୂର୍ଣ୍ଣ ଅବୈଧ ଥିଲା ।

ନିର୍ଣ୍ଣୟ ନିଆଗଲା : ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 243 ଆବଶ୍ୟକ ଗୁଡିକ ସେଗୁଡିକର ସ୍ୱଭାବରେ ବାଧ୍ୟତାମୂଳକ ଏବଂ ଏହି ପ୍ରାବଧାନଗୁଡିକର ଉଲଂଘନ ବିଚାର କୁ ବ୍ୟର୍ଥ ରେ ପରିଣତ କରେ ଏବଂ ତେଣୁ ଦୋଷୀ ସାବ୍ୟସ୍ତକୁ ଆଇନତଃ ଅବୈଧ କରେ । ଏହି ଧାରାର ଆବଶ୍ୟକତାଗୁଡିକ  କେବଳ ମାତ୍ର ଔପଚାରିକତା ନୁହନ୍ତି ବରଂ ନ୍ୟାୟର ଉପଯୁକ୍ତ ପ୍ରୟୋଗକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ସେଗୁଡିକ ହେଉଛନ୍ତି ମାର୍ମିକ ବିଷୟ । ଏହା ଗୁରୁତ୍ୱପୂର୍ଣ୍ଣ ଯେ ଏହି ଧାରାର ସର୍ତ୍ତାବଳୀକୁ କଡାକଡି ଭାବରେ ପାଳନ କରାଯାଏ କାରଣ ଅଭିଯୁକ୍ତଙ୍କ ଆବେଦନ କରିବାର ଅଧିକାର ଏପରି ପରିସ୍ଥିତି ଉପରେ ନିର୍ଭର କରେ ଯେ ସେ  ଦୋଷ ସ୍ୱୀକାର କରିଛନ୍ତି କି ନାହିଁ ଏବଂ ଏହି କାରଣରୁ ବ୍ୟବସ୍ଥାପିକା ଆବଶ୍ୟକ କରେ ଯେ  ଅଭିଯୁକ୍ତଙ୍କ ଦ୍ୱାରା ତାଙ୍କର ଦୋଷ ସ୍ୱୀକାର ରେ ବ୍ୟବହୃତ ହୋଇଥବା ସଠିକ୍ ଶବ୍ଦଗୁଡିକୁ କୌଣସି ଭୁଲ କିମ୍ବା ଭୁଲ ବୁଝାମଣାକୁ ରୋକିବା ପାଇଁ ତାଙ୍କର ନିଜ ଭାଷାରେ ଯଥା ସମ୍ଭବ ଉଲ୍ଲେଖ କରାଯିବା ଉଚିତ୍ ।

ସଂହିତାର ଧାରା 243 ଏକ ସ୍ୱତନ୍ତ୍ର ପ୍ରକୃତିର ପ୍ରାବଧାନ ଅଟେ ଏବଂ ବ୍ୟାଖ୍ୟା କରିବାର ସୁପ୍ରତିଷ୍ଠିତ ନିୟମ ଅନୁଯାୟୀ ସେହି ସ୍ୱତନ୍ତ୍ର ପ୍ରାବଧାନ  ପ୍ରାଧାନ୍ୟ ନେବ ଏବଂ ସଂହିତାର 362 (2) ( A ) ସାଧାରଣ ପ୍ରାବଧାନ ଗୁଡ଼ିକୁ ଲଂଘନ କରିବ ।

ସଂହିତାର ଧାରା 243 ରେ ଥିବା ପ୍ରକ୍ରିୟାର ଉଲଂଘନ ଅଭିଯୁକ୍ତଙ୍କ ଦଣ୍ଡାଦେଶକୁ ଅବୈଧ କରିବା ପାଇଁ  ଯଥେଷ୍ଟ ଗମ୍ଭୀର ଥିଲା ।  ନଥିରୁ ଏହା ସ୍ପଷ୍ଟ ଯେ ଆବେଦନକାରୀଙ୍କ ସ୍ୱୀକାରୋକ୍ତିକୁ ସଂହିତାର ଧାରା 243 ର ଆବଶ୍ୟକ ଅନୁଯାୟୀ "ତାଙ୍କ ଦ୍ୱାରା ବ୍ୟବହୃତ ଶବ୍ଦରେ ଯଥାସମ୍ଭବ ପାଖାପାଖି" ଉଲ୍ଲେଖ କରାଯାଇ ନଥିଲା ।

*ରାଣୀ- ସମ୍ରାଜ୍ଞୀ ବନାମ ଏରୁଗାଡୁ* , 1.L.R. 15 Mad. 85, *ଶୈଳବାଳା ଦାସୀ ବନାମ ସମ୍ରାଟ୍,* I.L.R. 62 Cal. 1127 ଏବଂ *ମୁକାନ୍ଦୀ ଲାଲ୍ ବନାମ ରାଜ୍ୟ,* A.I.R 1952 All 212 ମାମଲାଗୁଡିକୁ ଅନୁମୋଦନ କରାଗଲା ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 131/1963 ।

ଫୌଜଦାରୀ ଆବେଦନ ସଂଖ୍ୟା 251/1963 ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କର ତାରିଖ ଏପ୍ରିଲ୍ 2, 1963 ର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ *ଇ. ସି. ଅଗ୍ରୱାଲ ଏବଂ ପି. ସି. ଅଗ୍ରୱାଲ* ।

ଉତ୍ତରଦାତାଙ୍କ ତରଫରୁ *ଏ. ରଙ୍ଗନାଧମ ଶେଟ୍ଟୀ ଏବଂ ଏ. ଭି. ରଙ୍ଗମ* ।

**ନ୍ୟାୟମୂର୍ତ୍ତି ରାମାସ୍ୱାମୀଙ୍କ** ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

ଏହି ଆବେଦନ ସମ୍ବିଧାନର ଅନୁଚ୍ଛେଦ 134 (1) ( c) ଅନୁଯାୟୀ ମଞ୍ଜୁର ହୋଇଥିବା ପ୍ରମାଣପତ୍ର ଦ୍ୱାରା ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 29 ଏପ୍ରିଲ, 1963 ରେ ଫୌଜଦାରୀ ଆବେଦନ ସଂଖ୍ୟା 251/1963ର ଏକ ରାୟରୁ ଅଣାଯାଇଛି ଯାହା ଆବେଦନକାରୀ ଶ୍ରୀ ମହନ୍ତ କୌଶଲ୍ୟା ଦାସଙ୍କ ଦୋଷୀ ସାବ୍ୟସ୍ତ ମାଡ୍ରାସ ନିଷେଧ ଅଧିନିୟମର ଧାରା 4 (1) (a) ଦୋଷୀ ସାବ୍ୟସ୍ତ କରାଗଲା ଏବଂ ଏକ ବର୍ଷର ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରାଗଲା ଏବଂ ତା ସହ Rs 50/- ଟଙ୍କା ଜୋରିମାନା କରାଗଲା, ଯଦି ସେ ଏହାକୁ ପଇଠ ନକରିବେ ସେହି କ୍ଷେତ୍ରରେ ପୁଣି ତାଙ୍କୁ ଏକ ମାସର କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟ ଦିଆଗଲା ।

ଆବେଦନକାରୀ ହେଉଛନ୍ତି, ଶ୍ରୀ ବୈରାଗୀ ମଠ ଯାହାକି ଏକ ହିନ୍ଦୁ ଧାର୍ମିକ ଏବଂ ଦାତବ୍ୟ ଅନୁଷ୍ଠାନ ତାହାର ବଂଶାନୁଗତ ମହନ୍ତ । ଆବେଦନକାରୀ ମାଡ୍ରାସର ଏଲିଫାଣ୍ଟ୍ ଗେଟ୍ ର ଏହି ମଠ ଯାହାକି ଏକ ସାର୍ବଜନୀନ ପୂଜା ସ୍ଥଳ ତାହାର ପରିସରରେ ରହି ଆସୁଥିଲେ । ମାର୍ଚ୍ଚ 22,1963 ସକାଳ ପ୍ରାୟ 10ଟା ସମୟରେ ଆବେଦନକାରୀଙ୍କୁ ପୋଲିସ୍ ଗିରଫ କଲା ଏବଂ ବିନା ଅନୁମତିରେ ମଠ ପରିସରରେ ଏକ କାଠ ବାକ୍ସରେ 3,960 ଗ୍ରାମ ଗଞ୍ଜେଇ ଲୁଚାଇ ରଖିଥିବାର ଅଭିଯୋଗ ଉପରେ ମାଡ୍ରାସ ନିଷେଧ ଅଧିନିୟମ ର ଧାରା 4 (1) (a) ଅନୁଯାୟୀ ଆରୋପିତ ହୋଇ ତୁରନ୍ତ ସେହି ଦିନ ତାଙ୍କୁ , VIII ପ୍ରେସିଡେନ୍ସି ଦଣ୍ଡାଧିକାରୀଙ୍କ ସମ୍ମୁଖରେ ହାଜର କରାଗଲା । ଆବେଦନକାରୀ ଏହି ଅଭିଯୋଗରେ ଦୋଷ ସ୍ୱୀକାର କରିଥିଲେ ଏବଂ ସେହି ଦୋଷ ସ୍ୱୀକାର ଉପରେ ତାଙ୍କୁ ଦଣ୍ଡାଧିକାରୀଙ୍କ ଦ୍ୱାରା ଏକ ବର୍ଷର ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରାଗଲା ଏବଂ ତା ସହ Rs 50/- ଟଙ୍କା ଜୋରିମାନା କରାଗଲା, ଯଦି ସେ ଏହାକୁ ପଇଠ ନକରିବେ ସେହି କ୍ଷେତ୍ରରେ ପୁଣି ତାଙ୍କୁ ଏକ ମାସର କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟ ଦିଆଗଲା ।ଆବେଦନକାରୀ

ଉଚ୍ଚ ନ୍ୟାୟାଳୟରେ ଫୌଜଦାରୀ ଆବେଦନ ସଂଖ୍ୟା 251/1963 କୁ ଦାଖଲ କରି ଏହି କାରଣଗୁଡିକ ଆଧାରରେ ଅଭିଯୋଗ କଲେ ଯେ ତାଙ୍କର ଦୃଷ୍ଟିଶକ୍ତି ଅତ୍ୟନ୍ତ ଖରାପ ଏବଂ ତ୍ରୁଟିପୂର୍ଣ୍ଣ ଥିଲା, ସେ ଜଣେ ଅଶିକ୍ଷିତ ବ୍ୟକ୍ତି ହୋଇଥିବାରୁ ଇଂରାଜୀ କିମ୍ବା ତାମିଲ କିମ୍ବା ଅନ୍ୟ କୌଣସି ଦକ୍ଷିଣ ଭାରତୀୟ ଭାଷା ସହିତ ପରିଚିତ ନଥିଲେ  ଏବଂ ସେ କେବଳ ହିନ୍ଦୀ ଜାଣିଥିଲେ କାରଣ ଏହା ଉତ୍ତର ପ୍ରଦେଶରେ କୁହାଯାଉଥିଲା । ସେ ଅଭିଯୋଗରେ ଅନ୍ୟ କାରଣ ଗୁଡିକ ମଧ୍ଯ ଦର୍ଶାଇଥିଲେ ଯେ ତାଙ୍କ ଓକିଲ କିମ୍ବା ତାଙ୍କ ଶିଷ୍ୟମାନଙ୍କ ସହିତ ପରାମର୍ଶ କରିବାକୁ ତାଙ୍କ ପାଖରେ ସମୟ ନଥିଲା, କାର୍ଯ୍ୟାନୁଷ୍ଠାନ ଅଯଥା ତରବରିଆ ଭାବରେ କରାଯାଇଥିଲା, ସେ ପ୍ରକୃତରେ ଦୋଷ ସ୍ୱୀକାର କରିନଥିଲେ ଏବଂ ସେ ଅପରାଧର ପ୍ରଭାବ କିମ୍ବା ଦଣ୍ଡାଧିକାରୀଙ୍କ ସମ୍ମୁଖରେ କାର୍ଯ୍ୟାନୁଷ୍ଠାନକୁ କଦାପି ବୁଝି ନଥିଲେ । ଆବେଦନକାରୀ ଏହି ଅଭିଯୋଗ ସମ୍ବନ୍ଧରେ ଉଚ୍ଚ ନ୍ୟାୟାଳୟ ରେ ଆବେଦନକୁ ସମର୍ଥନ କରି ଏକ ସତ୍ୟପାଠ ଦାଖଲ କଲେ । ନ୍ୟାୟମୂର୍ତ୍ତି କୈଳାସମ୍, ଆବେଦନକାରୀଙ୍କ ସତ୍ୟପାଠ ରେ  କରାଯାଇଥିବା ଅଭିଯୋଗ ସମ୍ବନ୍ଧରେ VIII ପ୍ରେସିଡେନ୍ସି ଦଣ୍ଡାଧିକାରୀଙ୍କ ଠାରୁ ଏକ ଲିଖିତ ବିବରଣୀ ମାଗିଥିଲେ । ଏପ୍ରିଲ 23,1963 ରେ ଦଣ୍ଡାଧିକାରୀ ନିମ୍ନମତେ ଏକ ଲିଖିତ ବିବରଣୀ ଦାଖଲ କଲେ :

" ବ୍ୟାଖ୍ୟାକାରୀଙ୍କ ଦ୍ୱାରା ଅଭିଯୁକ୍ତଙ୍କୁ ଅପରାଧର ବିବରଣୀ ବୁଝାଇଦିଆଗଲା । ହିନ୍ଦୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଏହି ନ୍ୟାୟାଳୟର ବିଚାରପୀଠ କିରାଣୀ ,  ଶ୍ରୀ ଏମ୍. ସୁକୁମାର୍ ରାଓ ଏହାକୁ ହିନ୍ଦୀରେ ଅଭିଯୁକ୍ତକୁ ଅନୁବାଦ କରିଥିଲେ ।ଅଭିଯୁକ୍ତଙ୍କ ଦ୍ୱାରା ଦୋଷ ସ୍ୱୀକାରକୁ  ମଧ୍ଯ ଶ୍ରୀ ଏମ୍. ସୁକୁମାର୍  ରାଓ ନ୍ୟାୟାଳୟରେ ବ୍ୟାଖ୍ୟା କରିଥିଲେ । ସତ୍ୟ ପାଠରେ  ଥିବା ଅଭିଯୋଗଗୁଡ଼ିକ ମିଥ୍ୟା ଥିଲା । "

ଏହାପରେ ନ୍ୟାୟମୂର୍ତ୍ତି କୈଳାସମ୍ ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶକୁ ନିଶ୍ଚିତ କରିଥିଲେ ଏବଂ ଆବେଦନକୁ ଖାରଜ କରିଦେଲେ ।

ଆବେଦନକାରୀଙ୍କ ତରଫରୁ ବିଦ୍ୱାନ ଅଧିବକ୍ତା ତର୍କ ଉପସ୍ଥାପନ କଲେ ଯେ ଦଣ୍ଡାଧିକାରୀ, ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 243 ଅନୁଯାୟୀ,ବାଧ୍ୟତାମୂଳକ ପ୍ରାବଧାନ ଗୁଡ଼ିକର ଅନୁପାଳନ କରିନଥିଲେ ତେଣୁ ଏହି କାରଣରୁ ଆବେଦନକାରୀ ଏକ ନିରପେକ୍ଷ ବିଚାରରୁ ବଞ୍ଚିତ ହେଲେ,ତେଣୁ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସମ୍ପୂର୍ଣ୍ଣ ଅବୈଧ ଥିଲା । ଆବେଦନକାରୀଙ୍କ ତରଫରୁ ଏହା ମଧ୍ଯ ଦାଖଲ କରାଯାଇଥିଲା ଯେ ମାଡ୍ରାସ ନିଷେଧ ଅଧିନିୟମ ର

ଧାରା 4 (1) (a) ଅନୁଯାୟୀ ନିଷିଦ୍ଧ ସାମଗ୍ରୀ ରଖିବା ଅପରାଧର ଆବଶ୍ୟକ ତଥ୍ୟଗୁଡିକ ଆଇନର ବିଷୟ ଭାବରେ ପ୍ରମାଣିତ ହୋଇନାହିଁ ।

ଏହି ପର୍ଯ୍ୟାୟରେ, ଆବେଦନକାରୀଙ୍କ ବିରୋଧରେ VIII ପ୍ରେସିଡେନ୍ସି ଦଣ୍ଡାଧିକାରୀଙ୍କ ଦ୍ୱାରା ଅଣାଯାଇଥିବା ଆରୋପ ତଥା ମାମଲାରେ ଦିଆଯାଇଥିବା ରାୟକୁ ପୁନଃ ଉପସ୍ଥାପନ କରିବା ଆବଶ୍ୟକ । ଆରୋପଟି ନିମ୍ନରେ ଦିଆଗଲାଃ

" 1963 ମସିହା ମାର୍ଚ୍ଚ 22,1963 ରେ ସକାଳ ପ୍ରାୟ 8ଟା ସମୟରେ ସି-2 ସୀମାର ସଂଖ୍ୟା 1 ଜେନେରାଲ ମୁଥିଆ ମୁଦାଲି ଗଳିଠାରେ ଅଭିଯୁକ୍ତଙ୍କ ନିକଟରୁ ବିନା ଅନୁମତିରେ ତାଙ୍କ ମଠ ପରିସରରେ କାଠ ବାକ୍ସରେ ଲୁଚାଇ ରଖିଥିବା 3,960 ଗ୍ରାମ ଗଞ୍ଜେଇ ଜବତ କରାଗଲା । ସେହି କାରଣରୁ ଏହି ଆରୋପ ଅଣାଯାଇଛି । "

ଦଣ୍ଡାଧିକାରୀଙ୍କ ରାୟ ନିମ୍ନରେ ଦିଆଗଲା :

" *ତାରିଖ 22 ମାର୍ଚ୍ଚ 1964 ର ରାୟ* :-ଅଭିଯୁକ୍ତକୁ ହାଜର କରାଗଲା ।ସେ ଦୋଷ ସ୍ୱୀକାର କଲେ । ଦୋଷୀ ସାବ୍ୟସ୍ତ ମଧ୍ୟ ହେଲେ । କାଠ ବାକ୍ସରେ ଲୁଚାଇ ରଖାଯାଇଥିବା 3,960 ଗ୍ରାମର ଗଞ୍ଜେଇ ଏକ ବହୁତ ବଡ଼ ପରିମାଣ । ମୁଁ ତାଙ୍କୁ ଦୋଷୀ ସାବ୍ୟସ୍ତ କରି, ଏକ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଦଣ୍ଡିତ କରୁଛି ଏବଂ Rs. 50 ଟଙ୍କାର ଜୋରିମନା ଦେବାକୁ ନିର୍ଦ୍ଦେଶ ଦେଉଛି , ଯାହାକୁ ସେ ଯଦି ପଇଠ ନକରନ୍ତି ତେବେ ପୁଣି ଏକ ମାସ ପାଇଁ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବେ । ତାଙ୍କ ସମ୍ପତ୍ତି ବାଜ୍ୟାପ୍ତି କରାଯାଉ "।

ମାଡ୍ରାସ ନିଷେଧ ଅଧିନିୟମ, 1937 ( ମାଡ୍ରାସ ଅଧିନିୟମ 10/1937 ) ର ଧାରା 4 ରେ ମାଡ୍ରାସ ଅଧିନିୟମ 8 /1958 ଦ୍ୱାରା ସଂଶୋଧିତ ଭାବେ କୁହାଯାଇଛି :

"4. ( 1) ଯିଏ କେହି ବି –

(a) ମଦ କିମ୍ବା କୌଣସି ନିଶାଦ୍ରବ୍ୟ ******* ଆମଦାନୀ, ରପ୍ତାନୀ, ପରିବହନ କିମ୍ବା ନିଜ ପାଖେ ରଖନ୍ତି ; ସେ ନିମ୍ନମତେ ଦଣ୍ଡିତ ହେବେ - *******

(ii) ଅନ୍ୟ କୌଣସି ମାମଲାରେ, ଯେଉଁ ଦଣ୍ଡାଦେଶ ଏକ ବର୍ଷ ପର୍ଯ୍ୟନ୍ତ ହୋଇପାରେ, ଏବଂ ଜୋରିମନା ସହିତ, ଯାହା ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ହୋଇପାରେ, କିନ୍ତୁ ନ୍ୟାୟାଳୟଙ୍କର ରାୟରେ ଏହାର ବିପରୀତରେ ଉଲ୍ଲେଖ କରାଯାଇଥିବା ସ୍ୱତନ୍ତ୍ର ଏବଂ ପର୍ଯ୍ୟାପ୍ତ କାରଣର ଅନୁପସ୍ଥିତିରେ, ଖଣ୍ଡ (a) ଅନୁଯାୟୀ ମଦ କିମ୍ବା କୌଣସି ନିଶାଯୁକ୍ତ ଦ୍ରବ୍ୟର ଆମଦାନୀ, ରପ୍ତାନୀ କିମ୍ବା ପରିବହନ ଭଳି ଅପରାଧ ମାମଲାରେ, ଏପରି କାରାବାସ ତିନି ମାସରୁ କମ୍ ହେବ ନାହିଁ ଏବଂ ଏପରି ଜୋରିମାନା ପାଞ୍ଚ ଶହ ଟଙ୍କାରୁ କମ୍ ହେବ ନାହିଁ : *******

( 2) ଏହାର ବିପରୀତ ଦର୍ଶାଯିବା ପର୍ଯ୍ୟନ୍ତ ଏହା ନିମ୍ନମତେ ଅନୁମାନ କରାଯିବ ଯେ -

(a) ଉପଧାରା (1) ର ଖଣ୍ଡ (a) ରୁ (j) ଅନୁଯାୟୀ କୌଣସି ଅପରାଧରେ ଅଭିଯୁକ୍ତ ଜଣେ ବ୍ୟକ୍ତି କୌଣସି ମଦ କିମ୍ବା କୌଣସି ନିଶାଯୁକ୍ତ ଦ୍ରବ୍ୟ କିମ୍ବା କୌଣସି ପାତନ ପାତ୍ର, ବାସନକୁସନ, ଉପକରଣ କିମ୍ବା ଯନ୍ତ୍ରପାତି ଯାହା ତାଡି ତିଆରି କରିବାରେ କିମ୍ବା ମଦ କିମ୍ବା କୌଣସି ନିଶାଯୁକ୍ତ ଦ୍ରବ୍ୟ ଉତ୍ପାଦନ କରିବାରେ କିମ୍ବା ଏପରି କୌଣସି ସାମଗ୍ରୀ ଯାହା ସାଧାରଣତଃ ତାଡି ତିଆରି କରିବାରେ କିମ୍ବା ମଦ କିମ୍ବା କୌଣସି ନିଶାଯୁକ୍ତ ଦ୍ରବ୍ୟ ଉତ୍ପାଦନ କରିବାରେ ବ୍ୟବହୃତ ହୁଏ କିମ୍ବା କୌଣସି ସାମଗ୍ରୀ ଯାହା ମଦ କିମ୍ବା କୌଣସି ନିଶାଯୁକ୍ତ ଦ୍ରବ୍ୟ ଉତ୍ପାଦନ ଦିଗରେ କୌଣସି ପ୍ରକ୍ରିୟା ଦେଇ ଗତି କରିଛି କିମ୍ବା ଯେଉଁଥିରୁ କୌଣସି ମଦ କିମ୍ବା ନିଶାଯୁକ୍ତ ଦ୍ରବ୍ୟ ଉତ୍ପାଦନ କରିବାରେ କୌଣସି ପ୍ରକ୍ରିୟା ହୋଇଛି , ତାହାକୁ ରଖିଥିବା ହେତୁ ଯଦି ସେ ( କୌଣସି ବ୍ୟକ୍ତି ) ତାହାର ସନ୍ତୋଷଜନକ କାରଣ ଦେବାରେ ଅସମର୍ଥ ହୁଅନ୍ତି ଏବଂ *******

ବର୍ତ୍ତମାନର ମାମଲାରେ ଏହା ବିବାଦୀୟ ହୋଇପାରିବ ନାହିଁ ଯେ ନିମ୍ନମତେ ପ୍ରାବଧାନ ରଖୁଥିବା ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 243 ର ଆବଶ୍ୟକତାଗୁଡ଼ିକର ଦଣ୍ଡାଧିକାରୀଙ୍କ ଦ୍ୱାରା ଉଲଂଘନ କରାଯାଇଛି :

"243.ଯଦି ଅଭିଯୁକ୍ତ ସ୍ୱୀକାର କରନ୍ତି ଯେ ସେ ଏକ ଅପରାଧ କରିଛନ୍ତି, ଯେଉଁଥିରେ ଅଭିଯୁକ୍ତ ହୋଇଛନ୍ତି, ତା' ହେଲେ ତାଙ୍କ ସ୍ୱୀକାରୋକ୍ତିକୁ ପାଖାପାଖି ତାଙ୍କ ଦ୍ୱାରା ବ୍ୟବହୃତ ଶବ୍ଦରେ ଉଲ୍ଲେଖ କରାଯିବ; ଏବଂ ଯଦି ସେ ଦୋଷୀ ସାବ୍ୟସ୍ତ ନହେବାର ଯଥେଷ୍ଟ କାରଣ

ଦର୍ଶାନ୍ତି ନାହିଁ, ତେବେ ଦଣ୍ଡାଧିକାରୀ ସେହି ଅନୁଯାୟୀ ତାଙ୍କୁ ଦୋଷୀ ସାବ୍ୟସ୍ତ କରିପାରିବେ I "

ଦଣ୍ଡାଧିକାରୀ ତାଙ୍କ ଲିଖିତ ବିବରଣୀରେ ଦର୍ଶାଇଛନ୍ତି ଯେ ବିଚାରପୀଠ କିରାଣୀ ଶ୍ରୀ ଏମ୍. ସୁକୁମାର୍ ରାଓଙ୍କ ଦ୍ୱାରା ଆବେଦନକାରୀଙ୍କୁ ଅପରାଧର ବିବରଣୀ ବୁଝାଇଦିଆଯାଇଥିଲା ଏବଂ ଆବେଦନକାରୀଙ୍କ ଦ୍ୱାରା ଦୋଷ ସ୍ୱୀକାରକୁ ସେହି ସମାନ ବିଚାରପୀଠ କିରାଣୀଙ୍କ ଦ୍ୱାରା ଅଦାଲତରେ ବ୍ୟାଖ୍ୟା କରାଯାଇଥିଲା I ନଥିରୁ ଏହା ସ୍ପଷ୍ଟ ଯେ ଆବେଦନକାରୀଙ୍କ ସ୍ୱୀକାରୋକ୍ତିକୁ, ଫୌଜଦାରୀ କାର୍ଯ୍ୟ ବିଧି ସଂହିତାର ଧାରା 243 ର ଆବଶ୍ୟକ ଅନୁଯାୟୀ "ତାଙ୍କ ଦ୍ୱାରା ବ୍ୟବହୃତ ଶବ୍ଦରେ ଯଥାସମ୍ଭବ ପାଖାପାଖି" ଉଲ୍ଲେଖ କରାଯାଇ ନଥିଲା I ଏହା ସତ୍ୟ ଯେ ମାର୍ଚ୍ଚ 22,1963 ର ରାୟରେ ଦଣ୍ଡାଧିକାରୀ କହିଛନ୍ତି ଯେ ଆବେଦନକାରୀ "ଦୋଷ ସ୍ୱୀକାର କରନ୍ତି", କିନ୍ତୁ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ଆବେଦନକାରୀ ପ୍ରକୃତରେ କ'ଣ ସ୍ୱୀକାର କରିଛନ୍ତି ସେ ବିଷୟରେ ନଥିରେ କୌଣସି ସୂଚନା ନାହିଁ I ଆମ ମତରେ, ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 243 ର ଆବଶ୍ୟକତା ଗୁଡିକ ସେମାନଙ୍କ ପ୍ରକୃତିରେ ବାଧ୍ୟତାମୂଳକ ଏବଂ ଏହି ପ୍ରାବଧାନ ଗୁଡିକର ଉଲଂଘନ ବିଚାର କୁ ବ୍ୟର୍ଥରେ ପରିଣତ କରେ ଏବଂ ଦୋଷ ସାବ୍ୟସ୍ତ ଆଇନତଃ ଅବୈଧ କରେ I ଏହି ଧାରାର ଆବଶ୍ୟକତାଗୁଡିକ କେବଳ ମାତ୍ର ଔପଚାରିକତା ନୁହନ୍ତି ବରଂ ନ୍ୟାୟର ଉପଯୁକ୍ତ ପ୍ରୟୋଗକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ସେଗୁଡିକ ହେଉଛନ୍ତି ମାର୍ମିକ ବିଷୟ I ଏହା ଗୁରୁତ୍ୱପୂର୍ଣ୍ଣ ଯେ ଏହି ଧାରାର ସର୍ତ୍ତାବଳୀକୁ କଡାକଡି ଭାବରେ ପାଳନ କରାଯାଏ କାରଣ ଅଭିଯୁକ୍ତଙ୍କ ଆବେଦନ କରିବାର ଅଧିକାର ଏପରି ପରିସ୍ଥିତି ଉପରେ ନିର୍ଭର କରେ ଯେ ସେ ଦୋଷ ସ୍ୱୀକାର କରିଛନ୍ତି କି ନାହିଁ ଏବଂ ଏହି କାରଣରୁ ବ୍ୟବସ୍ଥାପିକା ଆବଶ୍ୟକ କରେ ଯେ ଅଭିଯୁକ୍ତଙ୍କ ଦ୍ୱାରା ତାଙ୍କର ଦୋଷ ସ୍ୱୀକାର ରେ ବ୍ୟବହୃତ ହୋଇଥବା ସଠିକ୍ ଶବ୍ଦଗୁଡିକୁ କୌଣସି ଭୁଲ କିମ୍ବା ଭୁଲ ବୁଝାମଣାକୁ ରୋକିବା ପାଇଁ ତାଙ୍କର ନିଜ ଭାଷାରେ ଯଥା ସମ୍ଭବ ଉଲ୍ଲେଖ କରାଯିବା ଉଚିତ୍ I ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା *ରାଣୀ-ସମ୍ରାଜ୍ଞୀ ବନାମ ଏରୁଗାଡୁ* (1) ଏଫ୍ ମାମଲାରେ ଏହା ରାୟ ଦିଆଯାଇଛି ଯେ ଫୌଜଦାରୀ କାର୍ଯ୍ୟ ବିଧି ସଂହିତାର ଧାରା 243ର ଉଲଂଘନ ଅଭଯୁକ୍ତଙ୍କର ଦୋଷ ସାବ୍ୟସ୍ତକୁ ଅବୈଧ କରିବା ପାଇଁ ଯଥେଷ୍ଟ ଗମ୍ଭୀର ଥିଲା I *ଶୈଳବାଲା ଦାସୀ ବନାମ ସମ୍ରାଟ* ( 2) ମାମଲାରେ କଲିକତା ଉଚ୍ଚ ନ୍ୟାୟାଳୟ ଏବଂ *ମୁକାନ୍ଦୀ ଲାଲ୍ ବନାମ ରାଜ୍ୟ* ( 3) ମାମଲାରେ ଆହ୍ଲାବାଦ ଉଚ୍ଚ

---

( 1 ) I.L.R. 15 Mad. 83 .
( 2 ) I.L.R. 62 Cal. 1127.
( 3 ) A.I.R. 1952 Allahabad 212.

ନ୍ୟାୟାଳୟ ମଧ୍ୟ ସମାନ ମତ ପୋଷଣ କରିଛନ୍ତି । ଆମ ମତରେ , ଏହି ମାମଲାଗୁଡ଼ିକ ଏହି ପ୍ରସଙ୍ଗରେ ଆଇନକୁ ସଠିକ୍ ଭାବରେ ସ୍ଥିର କରନ୍ତି । ଏହା ଉତ୍ତରଦାତାଙ୍କ ତରଫରୁ ଦାଖଲ କରାଯାଇଛି ଯେ ଫୌଜଦାରୀ କାର୍ଯ୍ୟ ବିଧି ସଂହିତାର ଧାରା 362 ( 2) ( A) ର ଅନୁଯାୟୀ ଏହା ପର୍ଯ୍ୟାପ୍ତ ହୋଇଥାନ୍ତା ଯଦି ଦଣ୍ଡାଧିକାରୀ ଅଭିଯୁକ୍ତଙ୍କ ଯାଞ୍ଚର ସାର ମର୍ମ ବିଷୟରେ ଏକ ଲିଖିତ ବିବରଣୀ ତିଆରି କରିଥାନ୍ତେ ଏବଂ ଅଭିଯୁକ୍ତଙ୍କ ଦ୍ଵାରା ବ୍ୟବହୃତ ପ୍ରକୃତ ଶବ୍ଦ ଗୁଡିକୁ ଉଲ୍ଲେଖ କରିବା ଏଠାରେ ଆବଶ୍ୟକ ହୋଇନଥାନ୍ତା । ଆମ ମତରେ, ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 362 (2) (A) କୌଣସି ପ୍ରୟୋଗ ଏପରି ମାମଲାରେ ନାହିଁ ଯେଉଁଠାରେ ଅଭିଯୁକ୍ତ ଦୋଷ ସ୍ୱୀକାର କରନ୍ତି ଏବଂ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 243 ର ପ୍ରାବଧାନ ଗୁଡିକ ଏଭଳି ମାମଲାରେ ଲାଗୁ ହେବ । ଫୌଜଦାରୀ କାର୍ଯ୍ୟ ବିଧି ସଂହିତାର ଧାରା 243 ଏକ ସ୍ୱତନ୍ତ୍ର ପ୍ରକୃତିର ପ୍ରାବଧାନ ଅଟେ ଏବଂ ବ୍ୟାଖ୍ୟା କରିବାର ସୁପ୍ରତିଷ୍ଠିତ ନିୟମ ଅନୁଯାୟୀ ସେହି ସ୍ୱତନ୍ତ୍ର ପ୍ରାବଧାନ ପ୍ରାଧାନ୍ୟ ନେବ ଏବଂ ଫୌଜଦାରୀ କାର୍ଯ୍ୟ ବିଧି ସଂହିତାର ଧାରା 362 (2) ( A ) ସାଧାରଣ ପ୍ରାବଧାନ ଗୁଡ଼ିକୁ ଲଂଘନ କରିବ । ତେଣୁ, ଆମେ ଏହି ପ୍ରସଙ୍ଗରେ ଉତ୍ତରଦାତା ପାଇଁ ଅଧିବକ୍ତାଙ୍କ ତର୍କକୁ ପ୍ରତ୍ୟାଖ୍ୟାନ କରୁଛୁ ।

ଏହି କାରଣଗୁଡିକ ପାଇଁ ଆମେ ଏହି ଆବେଦନକୁ ମଞ୍ଜୁରୀ ଦେଉ, ଆବେଦନକାରୀଙ୍କ ଉପରେ ଲଗାଯାଇଥିବା ଦୋଷ ସାବ୍ୟସ୍ତ ଏବଂ ଦଣ୍ଡାଦେଶକୁ ରଦ୍ଦ କରୁ ଏବଂ ଆଦେଶ ଦେଉ ଯେ ଏହି ମାମଲାଟି ମାଡ୍ରାସର VIII ପ୍ରେସିଡେନ୍ସି ଦଣ୍ଡାଧିକାରୀଙ୍କ ନିକଟକୁ ପୁନର୍ବିଚାର ଏବଂ ଆଇନ ଅନୁଯାୟୀ ଏକ ସିଦ୍ଧାନ୍ତରେ ପହଞ୍ଚିବା ନିମିତ୍ତ ଫେରି ଯାଉ ।

ଆବେଦନକୁ ମଞ୍ଜୁରୀ ଦିଆଗଲା ।

**ଅସ୍ବୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।